



# ଅଶୁଭପୁରର କାହାଣୀ

ସେଦିନ ସେ ଗ୍ରେଟ ପେଷ୍ଟ ଛୁଆଟି ପହିଲୁ କରି ଆଖି ଖୋଲିଲା । ଗଛର ଅନ୍ଧାରିଆ ଖୋଲ ଭିତରେ ସେ ଆଖି ଫିଟାଇ ପ୍ରଥମେ ଦେଖିଲା ଅନ୍ଧାର, ଚାରିଆଡ଼େ ଖାଲି ନିଦଘଞ୍ଚ ଅନ୍ଧାର । ମାଆ ତାର ତା ଉପରେ ଡେଣା ଘୋଡାଇ ବସିଥିଲା । ତଳେ କୁଟା କାଠିର ଟାଆଁସିଆ ଶେଯ ଉପରେ କଅଁଳ ହାତଗୋଡ଼ ବିଖଣ୍ଡି ତାର ଶୋଇଥାଇ ସେ କେତେ କଥା ସପନ ଦେଖି ଯାଉଥିଲା । ଗଛର ଉପର ଡାଳରେ କାଆ କାଆ ହୋଇ କଣ ଗୁଡ଼ାଏ ଖୁବ୍ ଜୋର୍‌ରେ ପାଟି କମ୍ପେଇଲେ । ତା ମାଆର ଡେଣା କାହିଁକି ଚହଲି ଉଠିଲା । ସେ ପକ୍ଷିଗୁଡ଼ାକୁ ଟିକିଏ ଭଲକରି ଚହଲାଇ ଦେଇ ତାକୁ ପେଟ ଆଡ଼କୁ ଜାକି ଆଣିଲା । ତାକୁ ଟିକିଏ ଆରାମ ଲାଗିଲା । ସେ ଚିଁ ଚିଁ ହୋଇ ହସି ପକାଇଲା । ମାଆ ତା କୁନି ଥଣ୍ଟରେ ଥଣ୍ଟ ଘଷି ତାକୁ ତୁନି ହୋଇ ରହିବାକୁ ଚୁପ ଚୁପ କହିଲା । ମାଆ ଇମିତି କାହିଁକି କହୁଛି, ସେ ବୁଝି ପାରିଲା ନି । ମାଆ ଯେତେ-ବେଳେ କହୁଛି, ଖାଲି ଚୁପ ହୋଇଗଲା । ମାଆର ନରମ ପର ଭିତରେ ଉଷ୍ମ ଟାଣି ଟାଣି ତା ଦେହରୁ ଚମଡ଼ାର ଭାଙ୍ଗସବୁ ଫିଟି ଫିଟି ଯାଉଥିଲା । ତାକୁ ଭାରି ହାଲୁକା ଲାଗୁଥିଲା । ସେ ଭାବୁଥିଲା, ସେ ଠିଆ ହୋଇ ପଡ଼ିବ । କାଠିକୁଟାର ବିଛଣା ଭିତରେ ସେ ତାର ଗୋଡ଼ ଟିକିଏ ସଳଖାଇ ଦେଲା । ମାଆ ବି ତା ଉପରୁ କାହିଁକି ଟିକିଏ ଘୁଞ୍ଚି ବସିଲା । ତା ଟିକି ଟିକି ଗୋଡ଼ ଉପରେ ଥଣ୍ଟ ଚୁଟକେଇ ଚୁଟକେଇ ମାଆ ତାର ଗୋଡ଼କୁ ସିଧା କରିଦେଲା । ସେ ଉପରକୁ ଟିକିଏ ଚାହିଁଲା । ଅନ୍ଧାର କାହିଁକି କମ ଜଣାଗଲା । ସେ ଆଖି ବୁଜି ପକାଇଲା । ଟିକିଏ ମାଆ ଆଡ଼କୁ ଘୁଞ୍ଚି ପୁଣି

ଉପରକୁ ଚାହିଁଲା । ମା ତାର ଯେମିତି ତା ମନର କଥା ବୁଝି ପାରିଲା । ତା କୁନି ଚେପା ନାକଟିରେ ନିଜର ନାକକୁ ଲଗାଇ ହସି ହସି କହିଲା— "ଧନ ମୋର କେତେ ହୁସିଆର ହୋଇ ଗଲଣି । ହେଉ, ଟିକିଏ ଆଉ ଥୟ ଧର । ତୋ ଡେଣାରେ ଭଲ କରି ପର ବାହାରି ଯାଉ । ମୁଁ ତତେ ଉଡ଼ିବା ଶିଖାଇ ଦେବି । ଡେଣା ଝାଙ୍କିବାର ବାଗବରଗ ସବୁ ବତେଇ ଦେବି । ତୁ ସରଗରେ ବୁଲି ବୁଲି ନୂଆ ନୂଆ ଜିନିଷ ଦେଖିବୁ । ତୁ ଏଠି ସିନା ଅନ୍ଧାରରେ ପଡ଼ିଛୁ । ଦୁନିଆଁକୁ ବାହାରି ଗଲେ ସେଠି ଆଉ ସବୁବେଳେ ଅନ୍ଧାର ନଥିବ । ସରଗରେ ଟୋପା ଟୋପା ଗୋଲ ଜହ୍ନର ଆଲୁଅ ବୋହି ପଡ଼ୁଥିବ । କୁନି କୁନି ତାରା ସବୁ ଆଖି ମିଟିମିଟି କରି ତତେ ଗେହ୍ଲା କରିବେ । ମୁଁ ତତେ ଭଲ ଭଲ ଦରବ ତୋ ପାଖରେ ଘୂରି ଘୂରି ଚିହ୍ନେଇ ଦେବି । ତୁ ଖାଲି ବଡ଼ ହୋଇ ଯା । ତୋ ଦେହରେ ଟିକିଏ ତାକତ ଆସୁ ।" ମାଆ ତାର ଖୋଲ କଡ଼ରୁ ଖଣ୍ଡେ ପାଚିଲା ପିଜୁଳି ଆଣି ତା ଥଣ୍ଟ ଭିତରେ ଗେଞ୍ଜି ଦେଲା । ସେ ଆସ୍ତେ ଆସ୍ତେ ଥଣ୍ଟ ଚଲାଇ ଟୋକି ନେଲା । ଆଃ, କି ମିଠା ! ସେ ଭାବିନେଲା, ସେ ଦୁନିଆ ଦେଖି ନେବ । ଦୁନିଆଟା ଭାରି ମିଠା ।

ଗଛ ତଳେ କଣ ଗୁଡ଼ାଏ ଗୋଟାକ ପରେ ଗୋଟାଏ ହୁକେ ହୋ ହୋଇ ଦୌଡ଼ା ଦୌଡ଼ି କଲେ । ମାଆ ପେଟତଳେ ଶୋଇ ଶୋଇ ତାକୁ ବି ଟିକିଏ ନିଦ ଆସି ଯାଇଥିଲା । ସେ ସପନ ଦେଖି ଯାଉଥିଲା । ଖାଲି ଦୁନିଆର ସପନ । ଚାରିଆଡ଼େ ଖାଲି ମିଠା ପିଜୁଳି ଖଣ୍ଡ ଖଣ୍ଡ ହୋଇ ବିଛେଇ ହୋଇ ପଡ଼ିଛି । ସରଗରୁ ଗୋଲ ଜହ୍ନ ତଳକୁ ଓହ୍ଲେଇ ଆସୁଛି । ବିଲକୁଲ ଅନ୍ଧାର ନାହିଁ । ହସରେ ତା ଥଣ୍ଟ ଖୋଲିଗଲା । ଗଛ ତଳୁ ପାଟି ଶୁଣି ସେ ଉଠି ପଡ଼ିଲା । ଚାରିଆଡେ ଖାଲି କଟି କଟି ଅନ୍ଧାର । ତା ମନଟା ଖଟା ହୋଇଗଲା । ସାଙ୍ଗେ ସାଙ୍ଗେ ଆଲୁଅର ସପନ ଦେଖି ଉଠିଛି । ମାଆ ତାର ଖୋଲ ମୁହଁରେ ବସି ଡେଣା ଖୋଲି ଝାଡ଼ି ହେଉଥିଲା । ସେ ଡାକ ଛାଡ଼ିଲା—"ମାଆ, ମୁଁ ଆଜି ଦୁନିଆ ଦେଖିବି । ଜହ୍ନ ସାଥିରେ ଖେଳିବାକୁ ମୁଁ ଆଜି ନିଶ୍ଚେ ବାହାରି ଯିବି ।" ମାଆ ତାର ଭିତରକୁ ପଶି ଆସି ତାକୁ ପେଟ ଆଡ଼କୁ ଟାଣିନେଲା । ସେ ମାଆର ପେଟତଳକୁ ଖସିଗଲା । ତାକୁ ଅନ୍ଧାର ମୋଟେ ଭଲ

ଲାଗୁନଥିଲା । ମାଆ ହସି ହସି କହିଲା—ଦୁନିଆକୁ ତୁ ଆସିଛୁ । ତୋ ଦୁନିଆକୁ ତତେ ଯିବାକୁ କିଏ ମନା କରୁଛି । ଦୁନିଆକୁ ବଡ଼ ହୋଇ, ଖୁବ୍ ବଳୁଆ ହୋଇ ନଗଲେ ଦୁନିଆ ତତେ ଠକାଇ ଦେବ । ଟିକିଏ ଧୈର୍ଯ୍ୟ ଧର । ଆଉ କେତୋଟା ଦିନ । ମୁଁ ବଢ଼ିଲେ ବଢ଼ିଲେ ତତେ ନେଇଯିବ । ତୁ ଏଇଠି ଶୋଇଥା । ମୁଁ ଯାଉଛି । ଦୁନିଆର ଡାକରା ଆସିଲାଣି । ଧନକୁ ମୋର ସେବକ କରିବନି । ମୁଁ ଯାଉଛି, ତୋ ଲାଗି ନୂଆ ନୂଆ ଜିନିଷ ଆଣିବି । ତୁ ଜମା ପାଟି କରିବୁନି ।" ମାଆ ତାର ଥଣ୍ଟରେ ଟିକିଏ ପୁଆକୁ ଖୁମ୍ପି ଦେଇ ଗେହ୍ଲା କରି ବସାରୁ ବାହାରି ପଡ଼ିଲା । ବସା ଦୁଆରେ ଟିକିଏ ଅଟକି ଯାଇଁ ତାକୁ ପୁଣି ଚାହିଁଲା । ମାଆ ଚାଲିଗଲା । ସେ ଆଖି ବୁଜିଲା । ଆଖି ବୁଜି ବୁଜି ଦେଖିଲା ଦୁନିଆ ଉପରେ ଆଲୁଅ ବିଛେଇ ହୋଇ ପଡ଼ିଛି । ଆଲୁଅର ଦୁନିଆ ତାକୁ ପିଜୁଳି ଦେଖେଇ ଯିବାପାଇଁ ଇସାରା ଦେଉଛି । ତା ଆଖି ଲାଗି ଲାଗି ଆସୁଥିଲା । ସେ ଦେଖୁଥିଲା ଡେଣାରେ ତାର ତା ମାଆଠୁ ବି ବେଶୀ ପର ବାହାରି ପଡ଼ିଛି । ସେ ଜହ୍ନ ଦେହରେ ପକ୍ଷି ଘଷି ଘଷି ହସିହସି ଉଡ଼ିଉଡ଼ି ଯାଉଛି ।

ତା ଗୋଡ଼ ଏଣିକି ଶକ୍ତ ହୋଇ ଗଲାଣି । ସେ ଠିଆ ହୋଇ ପାରୁଛି । ଡେଣାରେ ତାର ପରସବୁ ଆସ୍ତେ ଆସ୍ତେ ଅଙ୍କୁରି ଆସୁଛି । ଦୁନିଆ କଥା ଭାବି ଭାବି ମନ ତାର ବାଇଆ ହୋଇ ପଡ଼ିଲାଣି । ତା ଦୁନିଆର ଖିଆଲରେ ଜହ୍ନ ଆଲୁଅ, ପାଚିଲା ପିଜୁଳି ଖାଲି ଝେଲି ହୋଇ ଯାଉଛି । ଏଣିକି ସେ ସବୁବେଳେ ଖାଲି ବଟଳ ହେଉଛି । ମାଆ ସାଙ୍ଗରେ ଲଗାଉଛି । ସେ ବଡ଼ ହେଲାଣି, ସେ ଦୁନିଆ ଦେଖିଯିବ ।

ମାଆ ସେଦିନ ତା ଅସ୍ଥିର ପଣିଆ ଦେଖି ପହିଲୁ କରି ତାକୁ ଖୋଲା ମୁହଁକୁ ଆଣିଲା । ସରଗର ଚାନ୍ଦକୁ ଥଣ୍ଟ ବଢ଼େଇ ଚାହାଁଇ ଦେଲା । ଆଖି ତାର ଝଲସି ଉଠିଲା । ଅହଃ, କି ସୁନ୍ଦର ! ସେ କେଡ଼େ ଅନ୍ଧାରିଆ ଜାଗାରେ ପଡ଼ି ରହିଥିଲା । ମାଆ ଡେଣା ସାଙ୍ଗରେ ଡେଣା ମେଲାଇ ଟିକିଏ ଟିକିଏ ଖଣ୍ଡି ଉଡ଼ା ଦେଲା । ସେ ଏଡ଼ାଳରୁ ସେ ଡାଳକୁ ଗଲା । ପକ୍ଷି ତାର ଦୋଳେଇ ହୋଇ ପଡ଼ିଲା । ଗଛର ସବା ଉପର ଡାଳକୁ ଗୋଟାଏ ଦମରେ ଉଠିଗଲା । ସେ ଜହ୍ନଆଡ଼େ ଚାହିଁକି

ସେଠି ବସି ରହିଲା । ଦଡ଼ଣାରୁ ତାର ପରଣ ଆପେ ଆପେ କମି ଆସୁଥିଲା । ଜହ୍ନ ଦେହରୁ ଟିପି ଟିପି ହୋଇ ଆଲୁଅ ବର୍ଷା ହୋଇ ପଡ଼ୁଛି । ସେ ଭାବିଲା ଥଣ୍ଟ ମେଲା କରି ସେଥିରୁ ମେଞ୍ଚାଏ ପିଇପିବ । ମାଆ ଆସି ଏତିକିବେଳକୁ ତା ପାଖରେ ପହଞ୍ଚିଗଲା । ତାକୁ ବୁଝେଇ ସୁଝେଇ ଖୋଲ ଭିତରକୁ ନେଇଗଲା ।

ଥରେ ଦିନବେଳେ ମାଆ ତାର ଟିକିଏ ଘୁମେଇ ପଡ଼ିଥିଲା । ସେ ଆସ୍ତେ ଆସ୍ତେ ଖୋଲ ପାର ହୋଇ ଚାଲି ଆସିଲା । ଇସ୍, ବାହାରେ କେତେ ଆଲୁଅ । ସେଦିନଠୁଁ ଆଜିର ଜହ୍ନଟା ଖୁବ୍ ବଡ଼ ହୋଇ ଦାଉ ଦାଉ ହୋଇ ଜଳୁଛି । ସେ ଚାହିଁଲା । ଆଖି ତାର ପୋଡ଼ି ଉଠିଲା । ବାପରେ ବାପ କେତେ ଆଲୁଅ । ଉପର ଡାଳରୁ ବଣିଚୁଆ ଦୁଇଟା ବାହାରି ଆସି ଏ ଡାଳରୁ ସେ ଡାଳକୁ କୁଦା କୁଦି ଯାଉଥାନ୍ତି । ମାଆ ସାଙ୍ଗରେ ତାଳ ପକାଇ ଗୀତ ବୋଲୁଥାନ୍ତି । ପୁଆ ମନ ଭାରି ଖରାପ ହୋଇଗଲା । ତା ମାଆଟା ବଣିମାଆ ଭଳି ସେତେ ଭଲ ନୁହେଁ । ତାକୁତ କାହିଁ ଇମିତିକା ବଡ଼ ଜହ୍ନ ତଳେ ଗୀତ ବୋଲେଇ ଶିଖେଇନି । ସେ ଗୀତ ବୋଲି ବୋଲି ବଣିଚୁଆ ପାଖକୁ ଗଲା । ବଣିଚୁଆ ଦିଟା ଉଡ଼ି-ଗଲେ । ସେମାନେ ପାଟି କରି ଉଠିଲେ । ତାଙ୍କ ମାଆ ଆସି ପୁଆକୁ ଖୁମ୍ପି ପକାଇଲା । ପୁଆ ପାଟି ଶୁଣି କୁଆଟେ କା' କା' ଡାକ ଛାଡ଼ି ଛୁଟି ଆସିଲା । ସେଥୁ ମାଆର ନିଦ ଭାଙ୍ଗିଗଲା । ସେ ବାହାରକୁ ଧାଇଁଆସି ଆପଣା ଖୋଲ ଭିତରକୁ ପୁଆକୁ ଟାଣି ନେଇଗଲା । ମାଆ ଉପରେ ସେଦୃଚୁଆ ବେଜାଏ ରାଗିଗଲା । ତା ମାଆ ସବୁ ଭଣ୍ଡୁର କରି ଦେଲା । ରାଗରେ ସେ ମାଆକୁ ଦାନ୍ତରେ କାମୁଡ଼ା ବି ଦେଲା । ଖୋଲ ପାରହୋଇ ପଳାଇବାକୁ ବସିଲା । ତାକୁ କାହିଁକି ଏମିତିକା ବଡ଼ ଜହ୍ନ ଦେଖେଇ ଦେଇନି ବୋଲି ମାଆକୁ ଦାଲକିବାକୁ ବସିଲା । ମାଆ ତାକୁ ବୋଧ ଦେଇ ବୁଝାଉଁ ବୁଝାଉଁ କାନ୍ଦିକରି କହିଲା—"ତୁନି ହୋ'ରେ ପୁଅ, ପାଟି କଲ ଦେ । ସେ ଜହ୍ନ ନୁହେଁରେ ବାପ, ସେ ହେଉଛି ସୂର୍ଯ୍ୟ । ଆମ ଦୁନିଆରେ ସୂର୍ଯ୍ୟ ନାହିଁ । ଆମେ ଅନ୍ଧାରର ଜୀବ । ଜହ୍ନ ବି ସବୁଦିନେ ଆସିବନି । ଆମ ଭାଗରେ ଅନ୍ଧାର ପଡ଼ିଛି । ଆମେ ଅନ୍ଧାରରେ ରହିବା । ନ ହେଲେ ଆମେ ମରିବାରେ ବାପ ।"

ସେ ମାଆର  କଥାରେ  ରାଗିଗଲା । କାହିଁକି ସେ ସୂର୍ଯ୍ୟର ଦୁନିଆକୁ ଯିବନି ? କାହିଁକି ସେ ଆଲୋକର ରାଜ୍ୟରେ ନବୁଲିବ ? କିଏ ସେ ଇମିତି ତାଙ୍କୁ ହଇରାଣ କରିବାକୁ ନିୟମ କରିଛି ? ସେ ଚମ ଚମ ହୋଇ ଆଗେଇ ଯାଉଥିଲା । ମାଆ ତାକୁ ପେଟ ତଳକୁ ଟାଣି ଆଣିଲା । ମାଆ ପେଟରୁ କେତେଟା ପର ସେ ରାଗରେ ଥଣ୍ଟମାରି ଉପାଡ଼ ପକାଇଲା । ମାଆ ତାର ଗାଳି କାଢ଼ିଲା । ମାଆ ଜାଣିଛି, ସେ ଫେରି ଆସିଲା । ବସା ସେ ପାଖରେ କୁଆଗୁଡ଼ାକ ପାଟି କରୁଥାନ୍ତି । କାହିଁକି ସେ ପୋଡ଼ା-ମୁହିଁ ସୂର୍ଯ୍ୟକଥା କହି ପୁଅର ମୁଣ୍ଡକୁ ବିଗାଡ଼ି ଦେଲା ବୋଲି ପେଚାମା ହାଇପି ପାଇପି ହେଉଥିଲା । "ଆମେ ଅନ୍ଧାରର ବାସିନ୍ଦା । ଆମେ ଅଶୁଭର ସମ୍ପ୍ରଦାୟ । ଆମେ ଦୁନିଆର ଅଭିଶାପ । ଆମେ ଆଲୁଅ ଖୋଜିଲେ ମରିବା । ଆଲୁଅର ରାଜୁତିରେ ଆମକୁ ଶିକାର କରିବା ପାଇଁ ଆଲୁଅ ପୁଅମାନେ ଟାକି ବସିଛନ୍ତି ।" ମାଆ ତାର କହୁଁ କହୁଁ ଗାଳି କାଢ଼ିଲା । ମାଆକୁ ବୋଧ ଦେଉଁ ଦେଉଁ ସେ କହିଲା—"ମାଆ ତୁ ଟିକିଏ ଥୟ ଧର । ମୁଁ ବଡ଼ ହୁଏଁ । ଆଲୁଅ ରାଜ୍ୟକୁ ମୁଁ ତତେ ଅଲବତ୍ ନେଇଯିବି । ମୁଁ ସବୁ ଶତ୍ରୁକୁ ମା ନିପାତ କରିଦେବି ।"

ସେଦିନ ମାଆ ପୁଅ ଦିଜଣ ଆମ୍ବଡ଼ାଳରେ ବସିଥାନ୍ତି । ଆକାଶରେ ଜହ୍ନ ନଥାଏ ! ପେଚା ଛୁଆକୁ କିଛି ଭଲ ଲାଗୁ ନଥାଏ । ହଠାତ୍ ପାଖଘରର ଫାଙ୍କ ଦେଇ ଆଲୁଅ ଦିଶିଲା । ପେଚା ଛୁଆର ମନ ଉଲସି ଉଠିଲା । ସେ ପାଟି ଖୋଲି ଗୀତ ପଦେ ଧରିଲା । ଘର ଭିତରୁ କଡ଼ା-କଡ଼ା କଥାରେ କିଏ ଗାଳି ଦେଲା—"ଉଚ୍ଛୁନ୍ନ ପୋଡ଼ା ମୁହାଁ ପେଚା ! ପିଠା ଖଡ଼ିକା ପଟେଇ ଦାଗି ଦେବି ଯେ ବୁଝିବୁ । ଦୂର୍ ଦୂର୍, ତତେ ଝାଡ଼ୁବାଡ଼ି ଖାଉ ।" ପେଚାମାଆ ଛୁଆ ମୁହଁରେ ଥଣ୍ଟ ଲଗାଇ ଆଉ ପାଟି ନ କରିବାକୁ କହିଲା । ପେଚାଛୁଆ ରାଗିଗଲା । ବାଃ, ଆଲୁଅକୁ ଘର ଭିତରେ ଆପଣା ସମ୍ପତ୍ତି ଭଳି କାରବାର କରିବେ । ଆଲୁଅକୁ ଦେଖି ଆମେ ଟିକିଏ ଖୁସି ହେଲେ ଗାଳି ଶୁଣିବୁ ? ନା, ତା ହେବନି । ସେ ଝରକା ଭିତରେ ପଶି ଆଲୁଅକୁ ଛଡ଼ାଇ ଆଣିବାକୁ ବାହାରିଲା । ମାଆ କାନ୍ଦି ବୋବାଇ ତାକୁ ସେଦିନ ଫେରାଇ ଆଣିଲା ।

ସଞ୍ଜପରେ ଘରୁ ବାହାରିବା ଆଗରୁ ସେ ତାର ଡେଣା ଦୁଇଟାକୁ ଭଲକରି ସେଦିନ ଦେଖି ନେଲା । ତାର ସବୁ ପର ଉଠି ଯାଇଛି । ଗୋଡ଼କୁ ସିଧା କରି ଦୁଇଚାରି ଥର ନାଚିଗଲା । ବେଶ ଶକ୍ତ ଅଛି । ଅଣ୍ଟାକୁ ଗଛ ଖୋଲ ଦେହରେ ବାଡ଼େଇ ଦେଲା । ଖୁବ୍ ଟାଣ ହୋଇ ଗଲାଣି । ସେ ଉଡ଼ି ଚାଲିଗଲା । ରାତିର ଅନ୍ଧାର ଭିତରେ ଗୋଟାଏ ଖୋଲରେ ବସି ରହିଲା । ସେ ଆଉ ଘରକୁ ଫେରିବନି । ସେ ସୂର୍ଯ୍ୟର ଦେଶରେ ବୁଲିବ । ସେ ଆଲୁଅକୁ ଦଖଲ କରିବ । ସେ ଶତ୍ରୁର ମୁହାଁମୁହିଁ ହୋଇ ମୁକାବିଲା କରିବ ।

ରାତି ପାହି ଆସିଲା । ହରିବଲ୍ଲଭପୁର ତାଳଆଡ଼ୁ, ନାଳଖରାର ପିଚକାରି ଉପରକୁ ଉଠିଲା । ସୂର୍ଯ୍ୟ ରାଜ୍ୟରେ ଆଲୋକର ଏଭଳି ପ୍ରଥମ ପ୍ରବେଶକୁ ସେ କେବେ ଦେଖି ନଥିଲା । ସେ ଆଖି ଖୋଲି ଆଲୁଅର ଏ କଳସବୁଜା ଉତ୍ସବକୁ ନିଜକୁ ଭୁଲି ଦେଖିବାକୁ ଲାଗିଲା । ଶହଶହ ଚଢ଼େଇ ଗୀତ ସାଙ୍ଗରେ ଡେଣାର ରଙ୍ଗ ପକାଇ ଉଡ଼ିଗଲେ । ତାର ଶହ ଶହ ଜାତି ଭାଇ ଆଲୁଅରେ ବୁଲି ବୁଲି ଜୀବନର ସ୍ୱାଦ ଚାଖିବେ, ଆଉ ସେ ଡରମରି ଅନ୍ଧାର ଭିତରେ ସଢ଼ି ସଢ଼ି ମରିବ ? ନା, ତା ମନ ଦମ୍ଭରେ ପୁଣି ଉଠିଲା । ସୂର୍ଯ୍ୟ ଆସ୍ତେ ଆସ୍ତେ ଉପରକୁ ଉପରକୁ ଉଠୁଥିଲେ । ଦିନର ଆଲୁଅ ବେଶୀ ବେଶୀ ଜଳି ଉଠୁଥିଲା । ଏଡ଼େ ବଡ଼, ଏତେ ସୁନ୍ଦର ଆଲୁଅର ପୃଥିବୀରେ ତାପାଇଁ କଣ ଟିକିଏ ଜାଗା ନାହିଁ ? ନା, ସେ ଆଜି ମନପୂରା ମଉଜ କରିବ । ସେ ଆଜି ଦୁନିଆକୁ ଜଣାଇଦେବ, ସେ ମଧ୍ୟ ଆଲୋକର ପୁଅ । ତାର ମଧ୍ୟ ଏ ରାଜ୍ୟରେ ଦାବି ଅଛି ।

ସେ ମନଇଚ୍ଛା ଚାରିଆଡ଼େ ବୁଲିବାକୁ ଲାଗିଲା । ଆଖି ମେଲାଇ ଦୁନିଆର ହରେକ ଦରବ ଟିକିନିଖି କରି ଦେଖିଲା । ହଠାତ୍ ପଛଆଡ଼ୁ କିଏ ତାକୁ ଆକ୍ରମଣ କଲା । ସେ ବୁଲି ପଡ଼ିଲା । ମାଆ ସେଦିନ ତାକୁ ତାର ଶତ୍ରୁବୋଲି ଚିହ୍ନାଇ ଦେଇଥିଲା । ଏଇମାନେ ତାଙ୍କଠୁଁ, ଆଲୁଅକୁ ଛଡ଼ାଇ ନେଇଛନ୍ତି । ସେ ମଧ୍ୟ ଅଣ୍ଟାକୁ ସଜାଡ଼ି ନେଇ କୁଆଟା ଉପରେ ଚଢ଼ାଉ ଆରମ୍ଭ କରିଦେଲା । କୁଆଟା ପ୍ରତିରୋଧ କରୁଁ କରୁଁ

ତା ଜାତି ଭାଇଙ୍କୁ ଡାକ ଛାଡ଼ିଲା । ଦଳ ଦଳ କୁଆ କା'କା'ର ରେରେକାର ଦେଇ ମାଡ଼ି ଆସିଲେ । ଏତେ ବଡ଼ ମଜଭୁତ ଦଳ ଆଗରେ ସେ ରହି ପାରିବନି ବୋଲି ବୁଝି ପାରିଲା । ଆଗରେ ଦିଶୁଥିବା କୋଠା ଘର ଆଡ଼କୁ ଖୁବ୍ ଜୋରରେ ଡେଣା ହଲାଇ ଛୁଟିଗଲା । କାନ୍ଥର ଗୋଟାଏ ଫାଟ ଗଳାବାଟ ଦେଇ ସେ ଗଳିଗଲା । ଘରର ଭିତର ପାଖ ପର୍ଯ୍ୟନ୍ତ ସେ ପଶିଗଲା । ବାହାରେ ଏବେ କୁଆ ଗୁଡ଼ାକ ଭେଳା ଭେଳା ହେଉଥାନ୍ତି । ସେ ଟିକିଏ ନିଶ୍ଚିନ୍ତରେ ସେଠି ବସିଲା । ଟିକିଏ ସୁବିଧା ମିଳୁ, ଶତ୍ରୁର ଦଳ ଭାଙ୍ଗିଯାଉ, ସେ ବି ତାର ପ୍ରତିଶୋଧ ନେଇ ଜାଣେ । ସେ ଆଜି ଆଲୁଅ ରାଜ୍ୟରୁ ତାର ପାଉଣାକୁ ଆଦାୟ କରିବ । ସେ ଅନ୍ଧାରର ଅଭିଶାପ ନୁହେଁ । ସେ ଆଲୁଅର ସନ୍ତାନ । ସେ ଆଜି ଆଲୁଅକୁ ମନମାନି ନିଶ୍ଚୟ ଉପଭୋଗ କରିବ ।

କୋଠାଘର ଭିତରେ ପଲଙ୍କର ମୋଟା ଗଦି ଉପରେ ଧନେଶ୍ୱର ଧୀରୁମଲ୍ଲ ଶୋଇଛନ୍ତି । ଭୁହା ଭୁହା ହୋଇ ଜରର କମ୍ପ ତାଙ୍କ ଉପରକୁ ମାଡ଼ି ଆସୁଛି । ଧୀରୁମଲ୍ଲ ବ୍ୟସ୍ତ ହୋଇ ପଡ଼ୁଛନ୍ତି । ଜରର ବନ୍ଧା ଛୁଟିକା ଭିତରେ ପିଠି ଛୁଟି ହୋଇ ସେ ମଝିରେ ମଝିରେ ଚିତ୍କାର ଛାଡ଼ୁଛନ୍ତି । "ଦେଖ, ସୋରିଷ ତେଲରେ ଯେମିତି ଅଶୀଭାଗ ଅଗରୁ ମିଶେ । ହଁ, ମଦନା ବାରିକ ଉପରେ ଆଉ ଯେପରି ପାଞ୍ଚ ନମ୍ବର କେଶ୍ ଦାୟର ହେବ । ଶଳାର ଭଉଣୀ ଚନ୍ଦ୍ରମା ଘର ସଫା ଦେଖାଇ ହେଉଛି । ମୁଁ ଟିକିଏ ଶରଧାରେ ହାତ ପକେଇ ଦେଲି ବୋଲି ଗାଳି ମାଇକିନା ମତେ ମାରିବାକୁ ଉଠିଥିଲା । ଶୁଣୁଛୁ, କୋଉଁଏ ଜଣ ଯାଏଁ ଗୁଣ୍ଡା ପଠାଇ ପ୍ରିୟମିଶ୍ର ବିଲରୁ ପାଚିଲା ଧାନ କାଟି ଆଣ । ପଇସାକୁ ପରବାୟ ରଖନା । ପାଠ ଦିଅକ୍ଷର ପଢ଼ୁଛି ବୋଲି ଶଳା ମତେ ନମସ୍କାର କରିବନି । ଏଠି ଆସି ଶୁଣ, ଶହେ ଭରି ଲୁଚା ଅଫିମ ଦେବ ବୋଲି ସେ କଲିକତିଆ ବଙ୍ଗାଳୀ କହି ଯାଇଛି । ତାକୁ ଟିକିଏ ଆଖି ରଖିଥିବ ।"

ଏଇମାନେ ଆଲୋକ ରାଜ୍ୟର ନାମଯାଦା ଲୋକ । ଏଙ୍କ ପାଇଁ ସୂର୍ଯ୍ୟ ତାଙ୍କର ସବୁଦିନେ ଆଲୋକ ଦିଅନ୍ତି । ପେଚାଛୁଆ ଆଖି ଖୋଲି

ଭଲ କରି ଘୂରିଲା । ହଠାତ୍ ଧୀରୁମଲ୍ଲଙ୍କ ବଛଣା ପାଖରୁ ଜଣେ ଆଲେଖ ରାଜ୍ୟର ସଚ୍ଚୋଟ ସହକର୍ମୀଙ୍କ ଆଖି ପେଚ୍ଛ ଛୁଆ ଉପରେ ପଡ଼ିଲା ।

"ଅଶୁଭ, ଅଶୁଭ, ମହା ବଜ୍ରପାତ ଯୋଗ । ଘରେ ଉଲ୍ଲୁକ ବସିଲା । ମାଲିକ ବେମାର ପଡ଼ିଛନ୍ତି ।" କର୍ମୀ ବ୍ୟସ୍ତ ହୋଇପଡ଼ି ପାଟି କମ୍ପାଇଲେ । ଗୋଟାଏ ଲମ୍ବା ବାଉଁଶ ଆଣି ବିଚରା ପେଚ୍ଛ ଛୁଆକୁ ଖେଞ୍ଚି ଖେଞ୍ଚି ତଡ଼ି ଦିଆଗଲା । ଦୁଇଟିଯାକ ଡେଣା ତାର ଜଖମ ହୋଇଗଲା । ସେ କଷ୍ଟେମଷ୍ଟେ ଡେଣା ଟେକି କୋଠା ଉପରେ ବସିଲା । ଗଛ ଉପରୁ କେତେଟା କୁଆ ଆସି ଚଢ଼ାଉ ଆରମ୍ଭ କରିଦେଲେ । କୁଆଙ୍କ ପାଟି ଶୁଣି ଜଣେ ଚାକର କୋଠା ଉପରକୁ ଯାଇଁ ବାଡ଼ିରେ ପେଚ୍ଛ ଛୁଆଟି ଉପରେ ପାହାର ଲଗେଇଲା । ଛୁଆଟା ତଳକୁ ଗଡ଼ି ପଡ଼ିଲା । ପେଚ୍ଛଟା ବସିଛି ବୋଲି କୋଠା ଉପରେ ମେଞ୍ଚାଏ କୁଟା ଜାଳି ହଳଦୀ ପାଣିରେ ନଡ଼ାଇ ଦିଆଗଲା । ଯାହା ହେଉ ଅରିଷ୍ଟ କଟିଗଲା ।

କୁଆପଲ ଅନ୍ତେ ପେଚ୍ଛଛୁଆ ଉପରେ ଆକ୍ରମଣ ଚଳେଇ ଦେଲେ । ପେଚ୍ଛଛୁଆଟିର ଡେଣା ମୂଳରୁ ଥୋପା ଥୋପା ରକ୍ତ ଥୋପି ପଡ଼ୁଥିଲା । ସେ ଥରେ ଉପରକୁ ଚାହିଁଲା । ସୂର୍ଯ୍ୟ ଖୁବ୍ ଉପରେ ଯଥେଷ୍ଟ ଆଲୁଅ ଦେଉଛନ୍ତି । ଖୁବ୍ କଷ୍ଟରେ ଉଠିପଡ଼ି ସେ ତା ବସା ଆଡ଼କୁ ମୁହାଁଇଲା । ଖୋଲଯାଏଁ ଉଠି ପାରିଲାନି । ଗଛମୂଳେ ପଡ଼ିଗଲା । ମାଆ ତାର ପୁଅ ଆସିନି ବୋଲି ଚାଲୁବାଲୁ ହୋଇ ଚାହିଁ ବସିଥାଏ । କଣ କରିବ ? ଦିନବେଳେ ଛୁଆଟା କେଉଁଠି ଆଶ୍ରା ନେବ ? ମାଆର ମନଟା ଏଣୁ ତେଣୁ ହବ ହବ ଗୋଳେଇ ଘାଣ୍ଟି ହେଉଥାଏ । ପୁଅର ପାଟି ଶୁଣି ସେ ଗଛ ମୂଳକୁ ଧାଇଁ ଆସିଲା । ପୁଅକୁ ରକ୍ତ ଜୁଡ଼୍ବୁଡ଼୍ ଦେଖି ପାରିରୁ ତାର କଥା ବାହାରିଲାନି । ପେଚ୍ଛ ଛୁଆଟି ଥରେ ଉପରକୁ ଚାହିଁଲା । ଗଛ ଡାଳରେ ବସିଛନ୍ତି ସବୁ ଡେଇଁ ଡେଇଁ ଗୀତ ବୋଲୁଥିଲେ । ସୂର୍ଯ୍ୟ ଆକାଶ ଦେହରୁ ଆଲୁଅ ପୃଥିବୀ ଉପରକୁ ଖସାଇ ପକାଉଥିଲେ ।

ପେଚ୍ଛଛୁଆ ମାଆକୁ ଦେଖି ତାଙ୍କ ମାଆ ଗୋଡ଼ରେ ମୁହଁ ଲଗେଇ ଗଡ଼େଇ କହିଲା—"ମାଆ, ମୁଁ ଜାଣିନା । ମୋର ଆଉ ବର୍ଷ

ହେଲେ ତାଙ୍କୁ କନ୍ଧରୁ, ତାଙ୍କ ଘଇ ଆଲେକ ରଜ୍ୟ ଜୟ କରିବାକୁ ପାଇଁ ସାରପର ମରିଛୁ ।"

ପେଙ୍ଗୁଇଆଟି ସବୁଦନ ପାଇଁ ଆଖି ବୁଜିଦେଲ ।

ସୂର୍ଯ୍ୟ ତାଙ୍କ ଦୁନଆ ଉପରେ ବେଶୀ ବେଶୀ ଆଲୁଅ ଲୁଢ଼େଇ ଦେଉଥିଲେ ।

---